## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୨ ଗିରଫ

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ୧୦ନଂ. ୱାର୍ଡରେ ପୋଷା କୁକୁରକୁ ନେଇ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଟାଉନ ଥାନା ପୋଲିସ ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇବା ସହ ଜଣେ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣୁଥିବା ବେଳେ କେତେଜଣ ବ୍ୟକ୍ତି ପୋଲିସ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ପୋଲିସ୍ ନଂ.୬୭୧/୨୨ରେ ଏକ ମାମଲା ରୁଜୁ କରି ଚିତ୍ତରଞ୍ଜନ ଦେହୁରୀ ଓ ରଜତ ପ୍ରଧାନଙ୍କୁ ଗିରଫ କରିଛି।

### ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ମହିଷାପାଟ ଛକଠାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି ୦୯ ଏମ୍ ୪୯୩୨)କୁ ଟାଉନ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ କଟକ ଜିଲା ନରସିଂହପୁର ଥାନା ଅଞ୍ଚଳର ରତିକାନ୍ତ ନାୟକ, କାନପୁର ଅଞ୍ଚଳର ରାଜକିଶୋର ବେହେରା ଗିରଫ ହୋଇଛନ୍ତି। କଟକ ଜିଲା ତିଗିରିଆରୁ ଯାଜପୁର ଜିଲା ଚଣ୍ଡୀଖୋଲକୁ ଗୋଚାଲାଣ ହେଉଥିଲା। ଉଦ୍ଧାର ଗୋରୁଗୁଡ଼ିକୁ ଛାଡ଼ିଦିଆଯାଇଛି। ଏ ସଂକ୍ରାନ୍ତରେ ନଂ. ୬୭୫/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ଜଳିଗଲା କୋଇଲା ବୋଝେଇ ଟ୍ରକ୍

**ଭୁବନ, ୧୪।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ବାଉଁଶକଣ ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ବୁଧବାର ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୍ ୦୪ ଏମ୍ ୮୬୯୨) ଜଳିଯାଇଛି। ଉକ୍ତ ଟ୍ରକ୍ ତାଳଚେରରୁ ଯାଜପୁର ଯାଉଥିଲା। ଟ୍ରକ୍ ଚାଳକ ଗାଡ଼ି ରଖି ଶୌଚ ହେବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଭୁବନ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଡମ୍ଫର ଧକ୍କାରେ ଖୁଡ଼ୀ, ପୁତୁରା ଗୁରୁତର

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଦୀପୁ ଜେନା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଏକ ଡମ୍ଫର ଧକ୍କାରେ ଖୁଡ଼ୀ, ପୁତୁରା ଗୁରୁତର ହୋଇଛନ୍ତି। ଘୋଡ଼ାଡିଆଁ ଗ୍ରାମର ସୁବାସ ରାଉତ (୨୦) ତାଙ୍କ ଖୁଡ଼ୀ ବାସନ୍ତୀ ରାଉତ (୩୫)ଙ୍କୁ ନେଇ କୌଣସି କାର୍ଯ୍ୟରେ ବାଇକ୍‌ରେ ଯାଉଥିବାବେଳେ ଉକ୍ତ ଡମ୍ଫର (ନଂ. ଓଆର୍ ୧୬ ଡି ୨୫୭୪) ଧକ୍କା ଦେଇଥିଲା। ଦୁର୍ଘଟଣାରେ ବାସନ୍ତୀଙ୍କ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୁବାସଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ମହିଳାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୋଟାଙ୍ଗା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ପୌର କାର୍ଯ୍ୟାଳୟ ହୁଲ୍‌ସ୍ଥୂଲ୍

- ଏଜେଣ୍ଡା ଅନୁଯାୟୀ ଆଲୋଚନା ହେଲାନାହିଁ
- ଭାଜପା-ବିଜେଡି କାଉନ୍‌ସିଲର ଧସ୍ତାଧସ୍ତି
- ସୁଇପର ପଦବୀରେ ଗାଡ଼ିଚାଳକ, ସହାୟିକା


ଢେଙ୍କାନାଳ ପୌର ପରିଷଦ ବୈଠକରେ ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀଙ୍କ ସମେତ କାଉନ୍‌ସିଲରମାନେ।

**ଢେଙ୍କାନାଳ ଅଫିସ, ୧୪।୧୨**

ପ୍ରବଳ ହଟ୍ଟଗୋଳ, ହୋହଲ୍ଲା ମଧ୍ୟରେ ବୁଧବାର ଶେଷ ହୋଇଛି ଢେଙ୍କନାଳ ପୌର ପରିଷଦର ସାଧାରଣ ବୈଠକ। ଜିଲାପାଳଙ୍କ ପରାମର୍ଶ ଅନୁଯାୟୀ ବୈଠକର ଭିଡିଓଗ୍ରାଫି ବ୍ୟବସ୍ଥା କରା ନ ଯିବା ଏବଂ ପୌରାଧ୍ୟକ୍ଷାଙ୍କ ଗାଡିଚାଳକ ଓ ସହାୟକଙ୍କୁ ସୁଇପର ଦର୍ଶାଇ ୯,୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପ୍ରଦାନ କରାଯାଉଥିବା ଅଭିଯୋଗ କରି ବିଜେଡି କାଉନ୍‌ସିଲରମାନେ କାର୍ଯ୍ୟାଳୟ ହୁଲ୍‌ସ୍ଥୂଲ୍ କରିବା ସହ ଏହାର ତଦନ୍ତ ଦାବି କରିଥିଲେ। ଏହାକୁ ନେଇ ଭାଜପା-ବିଜେଡି ଗୋଷ୍ଠୀ ମଧ୍ୟରେ ବାକ୍‌ବିତଣ୍ଡା ହେବା ସହ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ଫଳରେ ଏଜେଣ୍ଡା ଅନୁଯାୟୀ କୌଣସି ଆଲୋଚନା ହୋଇପାରି ନ ଥିଲା।

ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ପୌର ପରିଷଦର ସାଧାରଣ ବୈଠକ ବସିଥିଲା। ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଉପସ୍ଥିତ ଥିଲେ। ତେବେ ବୈଠକ ଆରମ୍ଭ ହେବା ମାତ୍ରେ ବିଜେଡି-ଭାଜପା କାଉନ୍‌ସିଲର ମୁହାଁମୁହିଁ ହୋଇଥିଲେ। ଜିଲାପାଳଙ୍କ ପରାମର୍ଶ ଅନୁଯାୟୀ ପ୍ରତି ସାଧାରଣ ବୈଠକର ଭିଡିଓଗ୍ରାଫି ଏବଂ ବୈଠକର ୩ଦିନ ମଧ୍ୟରେ ରିଜୋଲ୍ୟୁଶନ ନକଲ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ ଅଗଷ୍ଟ ୧୨ ଏବଂ ସେପ୍ଟେମ୍ବର ୨୮ରେ ଅନୁଷ୍ଠିତ ବୈଠକର ରିଜୋଲ୍ୟୁଶନ ଦିଆଯାଇ ନ ଥିବାରୁ ପୌର ଉପାଧ୍ୟକ୍ଷଙ୍କ ସମେତ ବିଜେଡି କାଉନ୍‌ସିଲରମାନେ ପ୍ରତିବାଦ କରିଥିଲେ। ଏଥିସହ ଭିଡିଓଗ୍ରାଫି ନ ହେବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍ଥିତିକୁ ଆୟତ୍ତ କରିବାକୁ ଯାଇ ତୁରନ୍ତ ଜଣେ ଭିଡିଓଗ୍ରାଫରଙ୍କୁ ଡାକି ଭିଡିଓଗ୍ରାଫି କରାଯାଇଥିଲା। ଏହାପରେ ପୌରାଧ୍ୟକ୍ଷଙ୍କ ଗାଡ଼ିଚାଳକ ଓ ସହାୟକା ଭାବେ ନିୟୋଜିତ ବ୍ୟକ୍ତିଙ୍କୁ ସୁଇପର ପଦବୀରେ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପ୍ରଦାନ କରାଯାଉଥିବା ପ୍ରସଙ୍ଗ ଉଠାଇଥିଲେ ବିଜେଡି କାଉନ୍‌ସିଲର। ଗାଡ଼ିଚାଳକ ଏବଂ ଜଣେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ କିଭଳି ସୁଇପର ବୋଲି ଦର୍ଶାଇ ଦରମା ପ୍ରଦାନ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଉଭୟ ବ୍ୟକ୍ତିଙ୍କୁ କାର୍ଯ୍ୟାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି କେତେଜଣ ଭାଜପା କାଉନ୍‌ସିଲର ବିଜେଡି ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା, ଦକ୍ଷିଣକାଳୀ ରୋଡ୍‌ରେ ଜଣେ ବିଜେଡି ନେତାଙ୍କ ବିବାହ ମଣ୍ଡପରେ ପୌର ପରିଷଦର ଜଣେ କର୍ମଚାରୀ ନିୟୋଜିତ ଅଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ଜାଗାରେ ପୌର ପରିଷଦରେ କାର୍ଯ୍ୟ କରି ଅବସର ନେଇଥିବା ତାଙ୍କ ବାପା କାମ କରୁଛନ୍ତି। କାହା ନିର୍ଦ୍ଦେଶରେ ଏଭଳି ହେଉଛି, ତାହା ତଦନ୍ତ ସାପେକ୍ଷ ବୋଲି ଭାଜପା କାଉନ୍‌ସିଲର ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ମହାପାତ୍ର କୁହନ୍ତି, ଗାଡ଼ିଚାଳକ ଓ ବ୍ୟକ୍ତିଗତ ସହାୟକଙ୍କୁ ସୁଇପର ପଦବୀରେ ନିୟୋଜିତ କରାଯାଇଥିବା ଦର୍ଶାଇ କିଏ ଦରମା ପ୍ରଦାନ ବ୍ୟବସ୍ଥା କରିଥିଲେ ସେ ସମ୍ପର୍କରେ ତଦନ୍ତ କରାଯାଉଛି। ଏବେ ଉଭୟଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେହିପରି ପୌରାଧ୍ୟକ୍ଷା ପାତ୍ର କୁହନ୍ତି, ବୈଠକରେ ରିଜୋଲ୍ୟୁଶନ କପି ପ୍ରଦାନରେ ବିଳମ୍ବକୁ ନେଇ ବିଜେଡି କାଉନ୍‌ସିଲରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗାଡିଚାଳକ ଓ ସହାୟକଙ୍କ ଦରମା ପ୍ରଦାନକୁ ନେଇ ଯେଉଁ କଥା ଉଠିଲା, ଏହାପରେ ଉଭୟଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଶନିବାର ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଏଜେଣ୍ଡା ଅନୁଯାୟୀ ଆଲୋଚନା ହେବ। ବୈଠକରେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଯବାନଙ୍କ ସମ୍ମାନରେ ସାଇକେଲରେ ଭାରତ ଯାତ୍ରା

**କାମାକ୍ଷାନଗର, ୧୪।୧୨(ଡି.ଏନ୍.ଏ.)**

ଭାରତୀୟ ସେନାରେ କାର୍ଯ୍ୟରତ ଯବାନଙ୍କ ସମ୍ମାନରେ ସାଇକେଲରେ ଭାରତ ଭ୍ରମଣରେ ବାହାରିଥିବା ଆସାମ ଧେମାଜୀ ଜିଲାର ଜଙ୍ଗା ବାହାଦୁର ଛେତ୍ରୀ ବୁଧବାର ଢେଙ୍କାନାଳ ଜିଲା କାମାକ୍ଷାନଗରରେ ପହଞ୍ଚିଛନ୍ତି। ଛେତ୍ରୀ ଗତ ନଭେମ୍ବର ୨୧ରୁ ଅରୁଣାଚଳପ୍ରଦେଶ ସୀମାରୁ ଯାତ୍ରା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ସେ ୭ ରାଜ୍ୟ ଅତିକ୍ରମ କରି ସାରିଲେଣି।

ନିଜ ଯାତ୍ରା ସମ୍ପର୍କରେ ସୂଚନାଦେଇ ଛେତ୍ରୀ କହିଛନ୍ତି, ଭାରତୀୟ ସେନା ଦେଶକୁ ସୁରକ୍ଷା ଦେଉଛନ୍ତି। ପରିବାର ଛାଡ଼ି ସେମାନେ ସୀମାରେ ଜଗିଛନ୍ତି ବୋଲି ଆମେ ଘରେ ଶାନ୍ତିରେ ଶୋଇପାରୁଛେ। ଏଭଳି ସାହସୀ ସେନାର ଉତ୍ସାହ ବଢ଼ାଇବା ଏବଂ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ସେ ଦୈନିକ ୧୫୦ରୁ ୧୭୦ କିଲୋମିଟର ପଥ ଅତିକ୍ରମ କରୁଛନ୍ତି। ସାଢ଼େ ୪ ମାସ ମଧ୍ୟରେ ନିଜର ଯାତ୍ରା ପୂର୍ଣ୍ଣ କରିବେ ବୋଲି ଆଶା ରଖିଛନ୍ତି। ଏହି ଅବସରରେ କାମାକ୍ଷାନଗରରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।


କାମାକ୍ଷାନଗରରେ ଜଙ୍ଗା ବାହାଦୁର ଛେତ୍ରୀ।

# ଗୋତମରା କ୍ଲବ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମାନପୁର ଖେଳପଡ଼ିଆରେ ୟୁଥ୍ ଷ୍ଟାର କ୍ଲବ ପକ୍ଷରୁ ଚାଲିଥିବା ମାନପୁର କପ୍ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତେନ୍ତୋଲୋଇକୁ ହରାଇ ଗୋତମରା କ୍ଲବ୍ ଚାମ୍ପିୟନ ହୋଇଛି। ଗୋତମରାର ୧୧୩ ଜବାବରେ ତନ୍ତୋଲୋଇ ୧୧୧ ରନ୍ କରି ପରାଜୟ ବରଣ କରିଥିଲା। ଗୋତମରା ଦଳର ଅନିଲ 'ମ୍ୟାନ ଅଫି ଦି ମ୍ୟାଚ' ଏବଂ ତେନ୍ତୋଲୋଇ ଦଳର ଭିକୁ 'ମ୍ୟାନ ଅଫ୍ ଦି ସିରିଜ' ବିବେଚିତ ହୋଇଥିଲେ। ସୁବ୍ରତ ରାଉତ, ସୁଶାନ୍ତ ରାଉତ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ରାଉତ ଧାରା ବିବରଣୀ ଦେଇଥିଲେ। ପ୍ରତିଯୋଗିତାରେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧୬ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ସମିତି ସଭ୍ୟା ଅନିତା ପଟ୍ଟନାୟକ, ଲକ୍ଷ୍ମୀନାରାୟଣ କ୍ଲବ ସଭାପତି ବିନୋଦ ବିହାରୀ ବେହେରା, ସୁଶୀଲ ସ୍ୱାଇଁ, ପ୍ରବୀଣ ନାୟକ, ରସାନନ୍ଦ ଭୂତିଆ, ଲକ୍ଷ୍ମୀଧର ଭୂତିଆ, ଜିଏମ୍‌ଆର କମ୍ପାନୀର ବିଶ୍ୱରଞ୍ଜନ କର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୩,୦୦୦ ଏବଂ ରନର୍ସଅପ୍ ତେନ୍ତୋଲୋଇ ଦଳକୁ ଟ୍ରଫି ସହ ୭,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଗୋତମରା ଦଳ।

### ରେକୁଲାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

## ଚୋରା ପାଇପ ଲାଇନ୍ ପାଣିରୁ ସଂକ୍ରମଣ

**କାମାକ୍ଷାନଗର, ୧୧।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ୧୪ନଂ. ୱାର୍ଡ ରେକୁଲା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ବୁଧବାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। କନିଷ୍ଠ ଯନ୍ତ୍ରୀ ହେମନ୍ତ କୁମାର ସାହୁ ଗ୍ରାମରେ ପହଞ୍ଚି ପାନୀୟ ଜଳଯୋଗାଣ ବ୍ୟବସ୍ଥାର ତଦାରଖ କରିଛନ୍ତି। ଗ୍ରାମର ଅନେକ ପରିବାର ଚୋରା ପାଇପ୍ ଲାଇନ୍ ସଂଯୋଗ ନେଇଥିବା ଜଣାପଡ଼ିଛି। ଦୂଷିତ ପରିବେଶରେ ବିଛାଯାଇଥିବା ପାଇପ୍ ଫାଟ ଦେଇ ସଂକ୍ରାମକ ଦ୍ରବ୍ୟ ପ୍ରବେଶ କରିବାରୁ ଝାଡ଼ାବାନ୍ତି ବ୍ୟାପିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଯନ୍ତ୍ରୀ କହିଛନ୍ତି। ଅନ୍ୟପଟେ ୧୪ ପରିବାର ବେଆଇନ ଭାବେ ନେଇଥିବା ପାଇପ୍ ସଂଯୋଗକୁ ବିଚ୍ଛିନ୍ନ କରିଦିଆଯାଇଛି।

କନିଷ୍ଠ ଯନ୍ତ୍ରୀ ସାହୁଙ୍କ କହିବା କଥା, ଝାଡ଼ାବାନ୍ତି ପାଇଁ ଗ୍ରାମବାସୀ ରାମିଆଳ ନଦୀର ପାଣିକୁ ଦାୟୀ କରୁଛନ୍ତି। ହେଲେ ଏହା ଠିକ୍ କଥା ନୁହେଁ। କାରଣ ୧୫ନଂ ୱାର୍ଡକୁ ମଧ୍ୟ ନଦୀ ପାଣି ଯୋଗାଣ ହେଉଛି। ୧୫ନଂ. ୱାର୍ଡ ଦେଇ ୧୪ନଂ. ୱାର୍ଡକୁ ପାଣି ଆସୁଛି। କିନ୍ତୁ ୧୫ନଂ. ୱାର୍ଡରେ ଝାଡ଼ାବାନ୍ତିର ପ୍ରକୋପ ନାହିଁ। କେତେକ ପରିବାର ଚୋରା ପାଇପ୍ ଲାଇନ୍ ସଂଯୋଗ ନେଇଥିବା ଜଣାପଡ଼ିଛି। ଲୋକେ ସଚେତନ ହେଲେ ଝାଡ଼ାବାନ୍ତି କମିବ। ଲୋକମାନେ ଆବେଦନ କଲେ ନିୟମ ଅନୁଯାୟୀ ସୁରକ୍ଷିତ ଭାବେ ପାଣି ପାଇପ୍ ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି।

# କୁଷ୍ଠ ଆକ୍ରାନ୍ତଙ୍କୁ ମିଳିଲାନି କାନ୍ଧ

**କାମାକ୍ଷାନଗର, ୧୪।୧୨(ଡି.ଏନ୍.ଏ.)**

କୁଷ୍ଠ ଆକ୍ରାନ୍ତ ବୋଲି ପର କରିଦେଲା ପରିବାର। ଛଟପଟ ହୋଇ ଜୀବନ ଚାଲିଗଲା ସିନା କେହି ଆହା କଲେନି। କେବଳ ଏତିକି ନୁହେଁ, ମରିବା ପରେ ଶେଷକୃତ୍ୟ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ ଏକମାତ୍ର ଝିଅ। ଏଭଳି ସମୟରେ ଲୋକଙ୍କ ମଧ୍ୟରେ କୁଷ୍ଠ ଆକ୍ରାନ୍ତଙ୍କୁ ନେଇ ରହିଥିବା ଅନ୍ଧବିଶ୍ୱାସର ପରଦା ହଟାଇବାକୁ ଅଣ୍ଟା ଭିଡ଼ିଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀ। ସମସ୍ତେ ମିଳିତ ଭାବେ ଶ୍ମଶାନରେ ଯଥାରୀତି ମୃତକଙ୍କ ଅନ୍ତିମ ସଂସ୍କାର କରି ମଣିଷପଣିଆ ଦେଖାଇଲେ। ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ମଙ୍ଗଳବାର ଘଟିଥିବା ଏଭଳି ଏକ ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ଭୁବନ ବ୍ଲକ କନ୍ହେଇପାଳ ଗ୍ରାମର ପ୍ରମିଳା ସେଠୀ (୬୫) କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ଗ୍ରାମରେ ହୀନମନ୍ୟତାର ଶିକାର ହେବା ପରେ ସେ କାମାକ୍ଷାନଗର ଚାଲିଆସିଥିଲେ। କିଛିଦିନ ହେଲା ଉପଖଣ୍ଡ ଚିକିତ୍ସାଳୟ ପଛପାର୍ଶ୍ୱରେ ରହି ଚିକିତ୍ସିତ ହେଉଥିଲେ। ହେଲେ ମଙ୍ଗଳବାର ସକାଳେ ପ୍ରମିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ବିଷୟରେ ଖୋଳତାଡ଼ କରିବା ପରେ କାମାକ୍ଷାନଗରରେ ତାଙ୍କର କନ୍ୟା ରହୁଥିବା ଜଣାପଡ଼ିଥିଲା। ମା'ଙ୍କ ମୃତ୍ୟୁ ହୋଇଯାଇଥିବା ସମ୍ପର୍କରେ ସୂଚନା ଦେବା ସତ୍ତ୍ୱେ କେହି ମୃତଦେହ ନେବାକୁ ଆସି ନ ଥିଲେ। ଏହି ସୂଚନା ଉପଖଣ୍ଡ ଚିକିତ୍ସାଧିକାରୀ (ଏସ୍‌ଡିଏମ୍‌ଓ) ଡା. ସୁବାସ ଚନ୍ଦ୍ର ମଣ୍ଡଳଙ୍କ ନିକଟରେ ପହଞ୍ଚିଥିଲା। ଏଭଳି ଏକ ସମ୍ବେଦନଶୀଳ



### ଏସ୍‌ଡିଏମ୍‌ଓ କଲେ ଶେଷକୃତ୍ୟ

ଘଟଣାକୁ ନେଇ ସେ ମର୍ମାହତ ହେବା ସହ ଶେଷକୃତ୍ୟ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ସ୍ଥାନୀୟ ବଜାରରୁ ଆବଶ୍ୟକ ସରଞ୍ଜାମ କ୍ରୟ କରିବା ସହ ଏନ୍‌ଏସିଠାରୁ ଗାଡ଼ି ଭଡ଼ା ନେଇ ଶ୍ମଶାନରେ ଶେଷକୃତ୍ୟ କରିଥିଲେ। ଏହି କାର୍ଯ୍ୟରେ ମେଡିକାଲ କର୍ମଚାରୀମାନେ ସହଯୋଗ କରିଥିଲେ।

ଏ ସଂକ୍ରାନ୍ତରେ ଏସ୍‌ଡିଏମ୍‌ଓ ମଣ୍ଡଳ କୁହନ୍ତି, ବ୍ୟାପକ ସଚେତନତା ସତ୍ତ୍ୱେ କୁଷ୍ଠ ରୋଗୀଙ୍କୁ ନେଇ ଲୋକଙ୍କ ମାନସିକତା ବଦଳୁନାହିଁ। ଗାଁ ଗହଳିରେ କୁଷ୍ଠ ରୋଗୀଙ୍କୁ ନେଇ ଅନ୍ଧବିଶ୍ୱାସ ରହିଛି। ତେଣୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଲେ କେହି ମୃତଦେହ ସଂସ୍କାର କରିବାକୁ ଆଗଭର ହେଉନାହାନ୍ତି। ଲୋକଙ୍କ ଏଭଳି ମାନସିକତାକୁ ଦୂର କରିବା ଲାଗି ସମ୍ପୃକ୍ତ ମହିଳାଙ୍କ ମୃତଦେହକୁ ସମ୍ମାନର ସହ ଶେଷକୃତ୍ୟ କରାଯାଇଛି ବୋଲି ଏସ୍‌ଡିଏମ୍‌ଓ ମଣ୍ଡଳ କହିଛନ୍ତି।

# ମାନସିକ ବିକାଶ କରେ କ୍ରୀଡ଼ା

**ଢେଙ୍କାନାଳ ଅଫିସ,୧୪।୧୨**

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଖେଳକୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଶାରୀରିକ ଓ ମାନସିକ ବିକାଶରେ ସହାୟତା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ-ଅଭିଭାବକ କମିଟି ସଭାପତି ସୁନୀଲ କୁମାର ଦାଶ, ଦେବସ୍ମିତା ଦାସ, ଦିଲୀପ ସାହୁ, ଲକ୍ଷ୍ମୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଦୌଡ, ଡିସ୍କସ୍ ଥ୍ରୋ, ଲମ୍ଫଡିଆଁ, ଚକୋଲେଟ୍ ରେସ୍ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ୧୬ ତାରିଖରେ ଉଦ୍‌ଯାପିତ ହେବ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।




# ୧୪ଜଣିଆ କ୍ରିକେଟ ଦଳ ଚୟନ

**ଭୁବନ, ୧୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବୁଧବାର ୧୪ ବର୍ଷରୁ କମ୍ ବ୍ଲକସ୍ତରୀୟ କ୍ରିକେଟ୍ ଦଳ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନ, ମହୁଲପାଳ, ଅନଳ, ଜିରାଳ କ୍ଲଷ୍ଟର ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଶ୍ରେଷ୍ଠ ୧୪ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ମ୍ୟାଚ୍‌କୁ ଶାରୀରିକ ଶିକ୍ଷା ଶିକ୍ଷକ ବିପିନ ବିହାରୀ ସାହୁ, ସାଗର ରାଉତ, ପ୍ରକାଶ ମଲ୍ଲିକ ଶ୍ରେଷ୍ଠ ଖେଳାଳିଙ୍କୁ ବାଛିଥିଲେ। ମୁଖ୍ୟ ଅତିଥି ଭାବେ ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଦାଧର ମିଶ୍ର, ସମ୍ମାନିତ ଅତିଥି ଶିକ୍ଷକ କ୍ଷୀରୋଦ କୁମାର ନାୟକ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଶପଥ ପାଠ କରାଇଥିଲେ। ଭୁବନ ବ୍ଲକର ସମସ୍ତ ହାଇସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚୟନ ହୋଇଥିବା ୧୪ଜଣିଆ ଦଳ।

# ଟ୍ରାକ୍ଟର ମିଳୁନି, ବାଡ଼ିଆପିଟା ସ୍ଥିତି

- ଧାନ ବିଲ ଛାଡୁନାହାନ୍ତି ୬୦ରୁ ଊର୍ଦ୍ଧ୍ୱ ହାତୀ
- ଘାରିଛି ଅମଳ ଚିନ୍ତା, ଚିନ୍ତାରେ ଚାଷୀକୁଳ

**ରାସୋଳ, ୧୪।୧୨(ଡି.ଏନ୍.ଏ.)**

ବିଲରେ କଟାହୋଇ ପଡ଼ିଛି ଧାନ। ୧୦-୧୫ଦିନ ଭିତରେ ଅମଳ ସରନ୍ତା। ଘରକୁ ବୁହା ହୋଇଆସନ୍ତା ସୁନାର ଫସଲ। ମିଳନ୍ତା ବର୍ଷକର ଝାଳବୁହା ପରିଶ୍ରମର ମୂଲ୍ୟ। ହେଲେ ମାତ୍ର ୫ ଦିନ ମଧ୍ୟରେ ବଦଳି ଯାଇଛି ଚିତ୍ର। ଦଳବଦ୍ଧ ହୋଇ ବୁଲୁଥିବା ୬୦ରୁ ଊର୍ଦ୍ଧ୍ୱ ହାତୀ ଖାଇ ଚାଲିଛନ୍ତି ପାଚିଲା ଧାନ। ଶତାଧିକ ଏକର ଜମିରେ ଫସଲ ଦଳିଚକଟି ନଷ୍ଟ କରିସାରିଲେଣି। ବିଲ ହୁଡ଼ାରେ ଚାଷୀ ଅସହାୟ ଅବସ୍ଥାରେ ଛିଡ଼ା ହୋଇ ଦେଖୁଥିବାବେଳେ ଆଖି ଆଗରେ ଛାରଖାର ହୋଇଯାଉଛି ସବୁକିଛି। ବଳକା ଧାନ ହାତୀ ମୁହଁରୁ ଛଡ଼ାଇ ଆଣିବା ପାଇଁ ଚାଷୀ ସଂଘର୍ଷ କରୁଥିବାବେଳେ ଟ୍ରାକ୍ଟର ଅଭାବ ସେମାନଙ୍କ ସମସ୍ୟାକୁ ବହୁଗୁଣିତ କରିଦେଇଛି। ଏପରି କି ଅନେକ ସ୍ଥାନରେ ଭଡ଼ାରେ ଟ୍ରାକ୍ଟର ନେବାକୁ ବାଡ଼ିଆପିଟା ସ୍ଥିତି ଉପୁଜୁଛି, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳର ଚାଷୀ।



ବୁହାଳିପାଳ କାଳିଯୋଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ଦଳବଦ୍ଧ ଭାବେ ରହୁଥିବା ୬୦ ହାତୀ ଏବେ ବିଭିନ୍ନ ପଲରେ ବିଭକ୍ତ ହୋଇ ଧାନ ଜମିମୁହାଁ ହୋଇଛନ୍ତି। ସମାନ ଦୃଶ୍ୟ ଦେଖିବାକୁ ମିଳିଛି ଦଣ୍ଡିରି ଅଞ୍ଚଳରେ। ଏଠାରେ ମଧ୍ୟ ୪୦ ହାତୀ ଦୀର୍ଘଦିନ ହେଲା ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ନବକିଶୋରପୁର, ବୁହାଳିପାଳ, କୁନୁଆ, ଗଣ୍ଡାନାଳୀ, ଦଣ୍ଡିରି, ବାଙ୍କଟିଆ, କାଟେଣି ଅଞ୍ଚଳ ଛାଡୁନାହାନ୍ତି ହାତୀପଲ। ସେମାନଙ୍କ ଗର୍ଜନରେ ଅଞ୍ଚଳ ଥରହର ହେଉଛି। ହିଂସ୍ର ରୂପ ଧାରଣ କରୁଥିବା ହାତୀ ଆକ୍ରମଣ ଆଶଙ୍କାରେ ଚାଷୀମାନେ ବିଲରେ ପଡ଼ିଥିବା ଧାନ ଆଣିପାରୁନାହାନ୍ତି। କେବଳ ଏତିକି ନୁହେଁ, ଅନେକ ସମୟରେ ହାତୀପଲ ଜନବସତିମୁହାଁ ହେଉଥିବାରୁ ଜୀବନ ହାନି ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ସନ୍ଧ୍ୟା ହେଲେ ଅଞ୍ଚଳ ଦେଇ ଯାଇଥିବା ବ୍ୟସ୍ତବହୁଳ ପୁରୁଣା କଟକ-ସମ୍ବଲପୁର ରାସ୍ତା ଶୂନ୍‌ଶାନ ହୋଇପଡୁଛି। ଗ୍ରାମ ରାସ୍ତାରେ ନୀରବତା ଛାଇଯାଉଛି। ହାତୀଙ୍କ ପାଇଁ ଅଞ୍ଚଳବାସୀ ଏକପ୍ରକାର ଗୃହବନ୍ଦୀ ହୋଇ ରହିଛନ୍ତି। ଅନ୍ୟପଟେ ଏକକାଳୀନ ଧାନ ଅମଳ ଚାଲିଥିବାରୁ ଏବେ ଟ୍ରାକ୍ଟର ଅଭାବ ଚାଷୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତେ ଧାନ ଅମଳ କରି ସୁରକ୍ଷିତ ଜାଗାରେ ରଖିବାକୁ ଏକପ୍ରକାର ପ୍ରତିଯୋଗିତା ଚଳାଇଛନ୍ତି। ଫଳରେ ପୂର୍ବରୁ ଘଣ୍ଟାକୁ ୮୦୦ ଟଙ୍କାରେ ମିଳୁଥିବା ଟ୍ରାକ୍ଟର ଏବେ ୧୨୦୦ ଟଙ୍କା ଦେଲେ ବି ମିଳୁନାହିଁ। ଏ ସଂକ୍ରାନ୍ତରେ କୁନୁଆର ଚାଷୀ ସରୋଜ ରାଉତ ଏବଂ ଜାପାନୀ ସାମଲ କୁହନ୍ତି, ଆରମ୍ଭରୁ ବର୍ଷା ଅଭାବରୁ ଚାଷ ପ୍ରଭାବିତ ହୋଇଥିଲା। ଋଣ କରି ବଡ଼ କଷ୍ଟରେ ଧାନ ଚାଷ କରିଥିଲୁ। ହେଲେ ଦୁଇରାତି ଭିତରେ ସବୁକିଛି ହାତୀ ଖାଇଯାଇଛନ୍ତି। କେମିତି କରଜ ଶୁଝିବୁ, ବର୍ଷସାରା କ'ଣ ଖାଇବୁ, କିପରି ଚଳିବୁ ତାହା ଭାବିଲା ବେଳକୁ ଚିନ୍ତା ମାଡ଼ିବସୁଛି। ସୁବିଧାରେ ଟ୍ରାକ୍ଟର ମିଳିଥିଲେ ଧାନ ଅମଳ କରିହୁଅନ୍ତା। ଅନ୍ତତଃ ବଞ୍ଚିଯାଇଥିବା ଫସଲ ଘରକୁ ଆସିପାରନ୍ତା।

ଏ ସଂକ୍ରାନ୍ତରେ ରେଞ୍ଜର ଲୋହିତ ରଥ କୁହନ୍ତି, ଜମିରେ ପାଚିଲା ଧାନ ଥିବାରୁ ହାତୀ ବିଲ ଛାଡୁନାହାନ୍ତି। ହାତୀଙ୍କୁ ଘଉଡ଼ାଇବା ପାଇଁ ଯେତେ ଉଦ୍ୟମ କରାଗଲେ ମଧ୍ୟ କିଛି ଲାଭ ମିଳୁନାହିଁ। ଅଧିକ କର୍ମଚାରୀଙ୍କୁ ମୁତୟନ କରାଯାଇ ଚାଷୀଙ୍କ ଫସଲ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ।

